# ତହସିଲଦାରଙ୍କ କାର୍ଯ୍ୟାଳୟ, ବିଷମ କଟକ

## ଦୀର୍ଘ ମିଆଦି ଲୀଜ ନିମନ୍ତେ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା ___ୃ___ /IX-୫/୨୦୧୮ ତା. ୦୩/୧/୧୮

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବିଷମ କଟକ ତହସିଲ ଅନ୍ତର୍ଗତ ସାଇରାତ ଉତ୍ସଗୁଡ଼ିକୁ ଦୀର୍ଘ ମିଆଦି ଲୀଜ ସୂତ୍ରେ ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ (OMMC Rules 2016) ମୁତାବକ ପାଞ୍ଚ ବର୍ଷ ନିମନ୍ତେ ୨୦୧୮ -୨୦୧୯ ବର୍ଷ ଠାରୁ ୨୦୨୧ – ୨୦୨୨ ବର୍ଷ ପର୍ଯ୍ୟନ୍ତ ଦିଆଯିବ। ଏଥି ସମ୍ପର୍କିତ ସମସ୍ତ ବିବରଣୀ ଯଥା, ବିଜ୍ଞାପନ, ସର୍ତ୍ତାବଳି, ସାଇରାତ ଉତ୍ସଗୁଡ଼ିକର ନାମ ଓ ଅବସ୍ଥାନ, ନିଲାମ ତାରିଖ ଓ ସ୍ଥାନ ଆଦି www.rayagada.nic.in ରେ ଉପଲବ୍ଧ କରାଯାଇଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ ବିଜ୍ଞାପନରେ ଦର୍ଶଯାଇଥିବା Form – M ତିନିକିତା ନକଲ ପୂରଣ କରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ରେଜିଷ୍ଟ୍ରି ଡାକଯୋଗେ ଦତ୍ତ ସମୟସୀମା ମଧ୍ୟରେ ଦାଖଲ କରିପାରିବେ ।

ଧୀରେନ୍ଦ୍ର ଜେନା

ତହସିଲଦାର, ବିଷମ କଟକ

## ତହସିଲଦାରଙ୍କ କାର୍ଯ୍ୟାଳୟ, ବିଷମ କଟକ

## ଦୀର୍ଘ ମିଆଦି ଲୀଜ ନିମନ୍ତେ ନିଲାମ ଇସ୍ତାହାର

ବିଜ୍ଞପ୍ତି ସଂଖ୍ୟା ୪/IX-୪/୨୦୧୮ ତା. ୦୩/୧/୧୮

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ବିଷମ କଟକ ତହସିଲ ଅନ୍ତର୍ଗତରେ ଥିବା ନିମ୍ନଲିଖିତ ସାଇରାତ ଉତ୍ସଗୁଡିକୁ ଦୀର୍ଘ ମିଆଦି ଲୀଜ ସୂତ୍ରେ ଓଡିଶା ଲଘୁ ଖଣିଜ ରିହାତି ଆଇନ ୨୦୧୬ **(OMMC Rules 2016)** ମୁତାବକ **ପାଞ୍ଚ ବର୍ଷ** ନିମନ୍ତେ **୨୦୧୮ - ୨୦୧୯ ବର୍ଷ ଠାରୁ ୨୦୨୧ – ୨୦୨୨** ବର୍ଷ ପର୍ଯ୍ୟନ୍ତ ଦିଆଯିବ। ଇଚ୍ଛୁକ ବ୍ୟକ୍ତି **(OMMC Rules 2016)** ରେ ଦର୍ଶଯାଇଥିବା **Form – M** ତିନିକିତା ନକଲ ପୂରଣ କରି ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଲଫାପାରେ ତହସିଲଦାର, ବିଷମ କଟକଙ୍କ କାର୍ଯ୍ୟାଳୟକୁ ରେଜିଷ୍ଟ୍ରି ଡାକଯୋଗେ ଦାଖଲ କରିପାରିବେ । (ଲଫାପା ଉପରେ ସାଇରାତ ଉତ୍ସର ନାମ ଲେଖାଥିବା ଆବଶ୍ୟକ)। ନିଲାମ ଧାର୍ଯ୍ୟ ତାରିଖର ପୂର୍ବ ଦିନ ଅପରାହ୍ନ ଘ. ୫ ଟିକା ପରେ ପ୍ରାପ୍ତ ହୋଇଥିବା ଦରଖାସ୍ତଗୁଡିକ ବିଚାରକୁ ନିଆଯିବନାହିଁ। କୌଣସି କାରଣ ନ ଦର୍ଶାଇ ନୀଲମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ ରାୟଗଡାଙ୍କ ରହିଅଛି।

**ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦସ୍ତାବିଜ** **୧.** ଦରଖାସ୍ତ ପାଉଣା ବାବଦ ଟ. ୧୦୦୦ ଙ୍କା (ଅଣଫେରସ୍ତ) ର ଟ୍ରେଜରୀ ଚାଲାଣ । ୨. ପ୍ରସ୍ତାବିତ ସାଇରାତ ଉତ୍ସ ବାବଦୀୟ କୌଣସି ବକେୟା ଅର୍ଥ ନଥିବା ସମ୍ବନ୍ଧୀୟ ସତ୍ୟପାଠ । ୩. ଏକ ବର୍ଷରେ ହେବାକୁଥିବା ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପରିମାଣର (ଏହି ବିଜ୍ଞପ୍ତିରେ ବର୍ଣିତ) royalty ଓ additional charges ର ସମତୂଲ୍ୟ ଅର୍ଥର 5% Earnest Money ଦାଖଲ କରିଥିବାର ପ୍ରମାଣ **୪.** ଏକ ବର୍ଷରେ ହେବାକୁଥିବା ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପରିମାଣର (ଏହି ବିଜ୍ଞପ୍ତିରେ ବର୍ଣିତ) royalty ଓ additional charges ର ସମତୂଲ୍ୟ ଅର୍ଥର ୧୮ ମାସ ପାଇଁ ବୈଧ ଥିବା Solvency Certificate କିମ୍ବା Bank Guarantee ଦାଖଲ କରିବେ। ୪. ଅନ୍ୟାନ୍ୟ ଆବଶ୍ୟକ ତଥ୍ୟର ବିବରଣୀ ଯଥା ବୈଷୟିକ ଜ୍ଞାନ, ଦକ୍ଷତା, ନିଜର ଉପଲବ୍ଧ ଥିବା ଯନ୍ତ୍ରପାତି ଓ ଆର୍ଥିକ ଅବସ୍ଥା ବାବଦୀୟ ତଥ୍ୟ ।

**ବିଶେଷ ସର୍ତ୍ତାବଳୀ** **୧.** ଆବେଦନକାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ ୨୦୧୬ ଏବଂ Manual of Tahasil Accounts ର ପରିସରଭୁକ୍ତ ରହିବେ । ୨. ପ୍ରଚଳିତ ନିୟମାବଳୀ ଅନୁଯାୟୀ **royalty** ଓ ସର୍ବୋଚ୍ଚ **additional charge** (ଯାହା ROYALTY

ର 5% ରୁ ଉର୍ଦ୍ଧ ହେବ) ଉଲ୍ଲେଖ କରିଥିବା ନିଲାମଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ଦରଖାସ୍ତକାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ ମାଧ୍ୟମରେ ଲିଜଧାରୀ ଚୟନ କରାଯିବ । ୩. ଲିଜଧାରୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ ଅମାନତ ଅର୍ଥ ନିଲାମ ଚୁଡାନ୍ତ ଦିବସର ୭ଦିନ ମଧ୍ୟରେ ନଗଦ ଆକାରରେ ସମ୍ପୃକ୍ତ ତହସିଲଦାର ନିକଟରେ ଦାଖଲ କରିବେ । ୪॰ ଲିଜଧାରୀ ଏକ ବର୍ଷରେ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ପାଇଁ ହେବାକୁଥିବା royalty ଓ additional charges ଓ Environmental Management Fundର ସମତୁଲ୍ୟ ଅର୍ଥର ଏକ ଚତୁର୍ଥାଂଶ (ଅମାନତ ଅର୍ଥକୁ ବାଦ ଦେଇ) Form F ରେ ସୂଚନା ପାଇବାର ୧୫ ଦିନ ମଧ୍ୟରେ ଦାଖଲ କରିବେ ଯାହାକି ସୁଧମୁକ୍ତ ଜମାନତ ଭାବେ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ ଲୀଜ ଅବଧିର ପରିସମାପ୍ତ ପର୍ଯ୍ୟନ୍ତ ରହିବ। ୫. ଲିଜଧାରୀ ମାଇନିଙ୍ଗ ପ୍ଲାନ ପ୍ରସ୍ତୁତ ପାଇଁ ହୋଇଥିବା ଅର୍ଥ **(ଟ. ୪୦,୦୦୦.୦୦ଙ୍କା)** ପୈଠ **କରିବେ।** ୬. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜଧାରିଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ରୟାଲିଟି ଓ ସର୍ବୋଚ୍ଚ **additional charge** ମୂଲ୍ୟକୁ ଗୁଣନ କରି ସମ୍ପୃକ୍ତ ଅର୍ଥକୁ ତ୍ରୟ ମାସିକ ଭିତ୍ତିରେ ପୈଠ କରିବେ ଏବଂ ପ୍ରଥମ କିସ୍ତି ପୈଠ ହେଲାପରେ ରେଜିଷ୍ଟ୍ରେସନ ଆକ୍ଟ-୧୯୦୮ ଓ ଷ୍ଟାମ୍ପ ଆକ୍ଟ -୧୮୯୯ ଅନୁଯାୟୀ ଚୁକ୍ତିପତ୍ର (Lease Deed Form N ରେ) ସମ୍ପାଦନା କରିବେ। ୭. ଯଦି ରୟାଲିଟି ଓ ସର୍ବୋଚ୍ଚ **additional charge** ମୂଲ୍ୟାଙ୍କ କରିଥିବା ଆବେଦନକାରୀ ସମୟସୀମା ମଧ୍ୟରେ ଅମାନତ ରାଶି ଦାଖଲ କରିବାରେ ଖିଲାଫ କରନ୍ତି ତାହାହେଲେ ଦ୍ୱିତୀୟ ଏବଂ ପରବର୍ତ୍ତୀ ସର୍ବାଧିକ ନିଲାମଧାରୀ ମାନଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ । ୮. ଯଦି ଦରଖାସ୍ତକାରୀ ଧାର୍ଯ୍ୟ ରୟାଲିଟି ଓ ସର୍ବୋଚ୍ଚ **additional charge** ମୂଲ୍ୟଠାରୁ କମ ମୂଲ୍ୟ ଉଲ୍ଲେଖ କରିଥାନ୍ତି ତେବେ ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ । ୯. ନିଲାମଧାରୀମାନେ. OMMC Rules -2016 ର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ ହେବେ । ୧୦. ଲିଜଧାରୀ ଜମା ରୟାଲିଟି ଓ additional charges ର ୨% ଅର୍ଥ ଆୟକର ବାବଦକୁ ଏବଂ ୫% ଅର୍ଥ Environmental Management fund ଓ 10% District Mineral Foundation Trust କୁ ତ୍ରୟ ମାସିକ ଭିତ୍ତିରେ ପୈଠ କରିବେ। ୧୧. ଦରଖାସ୍ତକାରୀ Mines Act -1952 ଏବଂ Explosive Act-1954 ର ସମସ୍ତ ନିୟମ ନିୟମାବଳୀର ଅନ୍ତର୍ଭୁକ୍ତ ରହିବେ । Royalty ର ଦରକୁ ସରକାର ତିନି ବର୍ଷ ପରେ ପରିବର୍ତ୍ତନ କରିପାରିବେ। ୧୨. ନିଲାମଧାରୀମାନେ DISTRICT ENVIORNMENT IMPACT ASESSMENT AUTHORITY

(DEIAA),RAYAGADA ଙ୍କର ଅନୁମୋଦିତ ଚିଠି ସଂଖ୍ୟା ୬୯୦ ତା.୨୭.୧୧.୨୦୧୮ ରିଖର ସମସ୍ତ ସର୍ତ୍ତାବଳୀ ମାନିବା ନିମନ୍ତେ ବାଧ୍ୟ ହେବେ ।

ପ୍ରଥମ ନିର୍ଦ୍ଧାରିତ ନିଲାମ ତାରିଖ ଦିନ ଯେଉଁ ସଇରାତ ଉତ୍ସ ଗୁଡିକ ନିଲାମ ହୋଇନପାରିବ, ପୁନଶ୍ଚ ସାରଣୀ ଅନୁଯାୟୀ ପରବର୍ତ୍ତୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଲାମ ହେବ । ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ ରେ ସମସ୍ତ କାର୍ଯ୍ୟଦିବସରେ ମିଳିପାରିବ ଏବଂ ଏହି ସମ୍ବନ୍ଧୀୟ ସଂପୂର୍ଣ୍ଣ ତଥ୍ୟ www.rayagada.nic.in ରେ ଉପଲବ୍ଧ ରହିଅଛି । ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ଏହା ସଂଶୋଧନ କରିବାର କ୍ଷମତା ତହସିଲଦାରଙ୍କ ରହିଅଛି । ନିଲାମ ସ୍ଥାନ ଧାର୍ଯ୍ୟ ତାରିଖ ଓ ସମୟ ନିମ୍ନରେ ପ୍ରଦାନ କରାଯାଇଛି । ସଇରାତ ଉତ୍ସ ଗୁଡିକର ସଂପୂର୍ଣ୍ଣ ବିବରଣୀ ନିମ୍ନରେ ଦିଆଗଲା ।

**ନିଲାମ ସ୍ଥାନ** : ତହସିଲ କାର୍ଯ୍ୟାଳୟ, ବିଷମକଟକ ।

**ଧାର୍ଯ୍ୟ ତାରିଖ ଓ ସମୟ :** ପ୍ରଥମ ପର୍ଯ୍ୟାୟ ତା: ୧୫.୦୧.୨୦୧୯ ଦିବା ୧୧.୦୦ ଘଟିକା
ଦ୍ୱିତୀୟ ପର୍ଯ୍ୟାୟ ତା: ୧୮.୦୧.୨୦୧୯ ଦିବା ୧୧.୦୦ ଘଟିକା
ତୃତୀୟ ପର୍ଯ୍ୟାୟ ତା: ୨୧.୦୧.୨୦୧୯ ଦିବା ୧୧.୦୦ ଘଟିକା

ତହସିଲଦାର, ବିଷମ କଟକ

## LIST OF SAIRAT SOURCES OF BISSAM CUTTACK TAHASIL

| Sl. No. | Name of the Mouza | Name of the R.I. Circle | Name of the Sairat Source | Khata No | Plot No. | Area | Quantity of Mineral to be extracted in the entire lease period |
|---|---|---|---|---|---|---|---|
| 1 | Dubaguda | Kumbhar Dhamuni | Stone quarry | 26 | 77 | 10.00 | 5568 Cum |